ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୫, ଅଗଷ୍ଟ ୦ ୬

# ନିଜକୁ ଚିହ୍ନନ୍ତୁ


ଲୋପାମୁଦ୍ରା ସାମଲ

ନାରୀ ଭଗବାନଙ୍କ ସୃଷ୍ଟିର ଏକ ଅନୁପମ ସର୍ଜନା । ଜଣେ ଦାୟିତ୍ୱବାନ ମହିଳା ମାନସିକ ଓ ଶାରୀରିକ ଭାବେ ଶକ୍ତିଶାଳୀ ହେବା ନିହାତି ଆବଶ୍ୟକ । ଆପଣ କେବେ ଏମିତି ଚିନ୍ତା କରିଛନ୍ତି କି । ଆସନ୍ତୁ ଜାଣିବା ଜଣେ ଶକ୍ତିଶାଳୀ ମହିଳା ହେବାପାଇଁ କ'ଣ ଜରୁରୀ ।

ଆତ୍ମବିଶ୍ୱାସ ହେଉଛି ନାରୀ ଜୀବନର ପ୍ରମୁଖ ଅଂଶ । ଆତ୍ମବିଶ୍ୱାସୀ ହେବା ଆତ୍ମ ପ୍ରେମର ଏକ ଉଦାହରଣ ଏବଂ ଏହା ଆମକୁ ତୁଳନାତ୍ମକ ବିଚାରଧାରାରୁ ଦୂରେଇ ରଖିବାରେ ସାହାଯ୍ୟ କରେ । ଅଧିକ ସର୍ଜନଶୀଳ ହେବା ଆପଣଙ୍କୁ ସଫଳ ଅନୁଭବ କରାଏ । ଉପଯୁକ୍ତ କାରଣ ସହିତ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକରେ ସମୟ ବିତାଇବା ଜରୁରୀ । ଏହାଦ୍ୱାରା ମାନସିକ ସ୍ୱାସ୍ଥ୍ୟ ଭଲ ରହେ । ମାନସିକ ଭାବେ ସଶକ୍ତ ମହିଳାମାନେ 'ମୁଁ ଆଉ କ'ଣ ନୂଆ କରିପାରିବି' ପ୍ରଶ୍ନକୁ ବାରମ୍ବାର ନିଜକୁ ପଚାରିବା ଦରକାର । କିନ୍ତୁ ସବୁ ପରେ ବି ଅତ୍ୟଧିକ ପରିଶ୍ରମରୁ ବିରତି ନେଇ ନିଜକୁ ସମୟ ଦେବା ଉଚିତ ।

ଆଶାବାଦୀ ଓ ସକାରାତ୍ମକ ହେବା ଉଭୟ ମାନସିକ ଓ ଶାରୀରିକ ସୁସ୍ଥତା ପାଇଁ ଗୁରୁତ୍ୱପୂର୍ଣ୍ଣ । ସବୁବେଳେ ଆଶାବାଦ ଓ ସକାରାତ୍ମକତା ପ୍ରଦର୍ଶନ କରିବା ସମ୍ଭବ ନହୋଇପାରେ, କିନ୍ତୁ ଯଥା ସମ୍ଭବ ନିଜର ମାନସିକ ସୁସ୍ଥତା ବଜାୟ ରଖିବା ପାଇଁ ପ୍ରଚେଷ୍ଟା କରିବା ଦରକାର । ଏହା ନିଜର ତଥା ଅନ୍ୟମାନଙ୍କ ମନୋଭାବକୁ ମଧ୍ୟ ପ୍ରଭାବିତ କରିଥାଏ । ଗୋ – ଗେଟର ହେବା ଆଜିକାଲିର ମହିଳାମାନଙ୍କ ପାଇଁ ନିହାତି ଦରକାର । ଏହା ଆପଣଙ୍କ ସ୍ୱପ୍ନକୁ କାର୍ଯ୍ୟରେ ପରିଣତ କରେ । ଯେତେବେଳେ ଜଣେ ନାରୀ ସକାରାତ୍ମକ ଫଳାଫଳ କଳ୍ପନା କରେ, ସେହି ଦୃଷ୍ଟିକୋଣ ଗୁଡ଼ିକୁ ହାସଲ କରିବାର ସମ୍ଭାବନା ଅଧିକ ଥାଏ । ଏହା ନାରୀର ମନକୁ ସୃଜନଶୀଳ ଚିନ୍ତାଧାରାରେ ସକ୍ରିୟ କରାଏ । ନିଜ ସ୍ୱପ୍ନକୁ ପୂରଣ କରିବା ଏବଂ ନିଜର ଚିନ୍ତାଧାରାକୁ ଏକ ସୁନ୍ଦର ବାସ୍ତବତାରେ ପରିଣତ କରିବା ପାଇଁ କାମ କରିବା ହେଉଛି ଗୋ-ଗେଟର ହେବାର ପରିଭାଷା । ମାନସିକ ଭାବେ ସଶକ୍ତ ମହିଳମାନେ ସେମାନଙ୍କର ଭୟ, ଅସୁବିଧା ଓ ସମସ୍ୟା ଗୁଡ଼ିକୁ ନିଜେ ହିଁ ସାମ୍ନାସାମ୍ନି ମୁକାବିଲା କରନ୍ତି । ବିଭିନ୍ନ ସମୟରେ ଅନେକେ ଭୟ କରିଯାଆନ୍ତି । ହେଲେ ଜଣେ ଶକ୍ତିଶାଳୀ ମହିଳା ଏହାକୁ କିପରି ମୁକାବିଲା କରିବେ ତାହା ନିଜର ମାନସିକ ସ୍ଥିତି ଉପରେ ନିର୍ଭର କରେ । ନିଜ ପ୍ରତି ସଚ୍ଚୋଟ ରହିବା ମଧ୍ୟ ଜଣେ ଶକ୍ତିଶାଳୀ ମହିଳାର ଉତମ ଲକ୍ଷଣ । କୌଣସି ପ୍ରତିକୂଳ ପରିସ୍ଥିତିରେ ହାର ମାନିବା ଏବଂ ଅନ୍ୟର ଖୁସି ପାଇଁ ନିଜକୁ ପରିବର୍ତନ ଅଧିକାଂଶ ସମୟରେ ଜରୁରୀ ନୁହେଁ । ମାନସିକ ଭାବେ ଦୃଢ଼ ଥିଲେ ଜଣେ ମହିଳା ଯେ କୌଣସି ପରିସ୍ଥିତିରେ ସଠିକ ମୁକାବିଲା କରିବା ସହିତ ନିଜ ଭଳି ବଂ଼ବା ନିହାତି ଆବଶ୍ୟକ ।

*ଲେନ-୩, ଚହଟା ନଗର, କଟକ,*
*ଦୂରଭାଷ : ୯୪୩୭୨୨୬୬୪୭*

# ସ୍ତନ୍ୟପାନ : ଏକ ସୁସ୍ଥ ରାଷ୍ଟ୍ର ଗଠନର ସରଳ ସମାଧାନ


ଡାକ୍ତର ରାମପ୍ରସାଦ ରାୟ

ବିଶ୍ୱରେ ଉପଯୁକ୍ତ ପୋଷଣର ଅଭାବ ହେତୁ ୫ବର୍ଷରୁ କମ୍ ବୟସର ଶିଶୁମାନଙ୍କର ମୃତୁହାର ହେଉଛି ୪୫% । ଏକ ତୃତୀୟାଂଶ ଶିଶୁ କୁପୋଷଣ ଜନିତ ରୋଗର ଶିକାର ହେଉଛନ୍ତି । ଏ କ୍ଷେତ୍ରରେ ଭାରତର ସ୍ଥିତି ଅଧିକ ଜଟିଳ, ଯେଉଁଠାରେ ୫ବର୍ଷ ବୟସରୁ କମ୍ ୪୦% ଶିଶୁ କୁପୋଷଣର ଶିକାର ହେଉଛନ୍ତି । ଏଥିପାଇଁ ଏକମାତ୍ର ସରଳ ସମାଧାନର ପନ୍ଥା ହେଉଛି ଶିଶୁମାନଙ୍କୁ ଉପଯୁକ୍ତ ସମୟରୁ ସ୍ତନ୍ୟପାନର ଆରମ୍ଭ କରାଇବା । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତଥ୍ୟ ଅନୁଯାୟୀ ୫ ବର୍ଷରୁ କମ ପ୍ରାୟ ୮ ଲକ୍ଷ ଶିଶୁମାନଙ୍କୁ କେବଳ ଜନ୍ମରୁ ପ୍ରଥମ ୬ ମାସ ପର୍ଯ୍ୟନ୍ତ ମା' ସ୍ତନ୍ୟପାନ କରାଇ ଏବଂ ଏଥି ସାଙ୍ଗକୁ ୨୪ ମାସ ହେବା ପର୍ଯ୍ୟନ୍ତ ଉପଯୁକ୍ତ ପରିପୂରକ ଖାଦ୍ୟ ପ୍ରଦାନ କରି କୁପୋଷଣଜନିତ ସମସ୍ୟାକୁ ଦୂର କରାଯାଇପାରିବ । ଶିଶୁର ପ୍ରାରମ୍ଭିକ ଦୁଇ ବର୍ଷ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । କାରଣ ଏହି ସମୟରେ ତା ପାଇଁ ପର୍ଯ୍ୟାପ୍ତ ପରିମାଣର ପୋଷାକ ଆବଶ୍ୟକ ହୋଇଥାଏ । ଏହି ଉପଯୁକ୍ତ ପୋଷାକ ଦ୍ୱାରା ଶିଶୁଠାରେ ଦେଖା ଦେବାକୁ ଥିବା କ୍ରମାଗତ ରୋଗକୁ ଦୂର କରାଯାଇପାରେ ଓ ଶିଶୁର ସାମଗ୍ରୀକ ବିକାଶ ହୋଇପାରେ । କୁହାଯାଏ ଯେ ମା'କ୍ଷୀର ପିଲାମାନଙ୍କ ପାଇଁ ଅମୃତ ସଦୃଶ । ସ୍ତନ୍ୟପାନ ଶିଶୁ ପାଇଁ ପ୍ରଥମ ଟିକା ଭାବେ କାର୍ଯ୍ୟ କରିଥାଏ । ମା' କ୍ଷୀର ଶିଶୁମାନଙ୍କ ପାଇଁ ଏକ ଆଦର୍ଶ ଖାଦ୍ୟ, କାରଣ ଏହା ଜୀବନର ପ୍ରଥମ ଛଅ ମାସରେ ଶିଶୁର ବୃଦ୍ଧି ଓ ବିକାଶ ପାଇଁ ସମସ୍ତ ଆବଶ୍ୟକ ପୁଷ୍ଟିକର ପଦାର୍ଥ ଯୋଗାଇଥାଏ । ଏଥିରେ ଆ[ବିଡ଼ି ଥାଏ ଯାହା ପାଚନ କ୍ରିୟାକୁ ବୃଦ୍ଧି କରିଥାଏ, ଅନେକ ମାରାତ୍ମକ ରୋଗରୁ ରକ୍ଷା କରେ । ଏହା ବ୍ୟତୀତ ସ୍ତନ୍ୟପାନ ସଂକ୍ରମଣ, ଶ୍ୱାସକ୍ରିୟା ରୋଗ ଓ ଆଲର୍ଜି ପରି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ଆଶଙ୍କାକୁ ମଧ୍ୟ ହ୍ରାସ କରିପାରିଥାଏ । ଏହି କାରଣରୁ ପ୍ରତିବର୍ଷ ଅଗଷ୍ଟ ପ୍ରଥମ ସପ୍ତାହରେ ବିଶ୍ୱ ସ୍ତନ୍ୟପାନ ପାଳନ କରାଯାଏ, ଯାହାଦ୍ୱାରା ଲୋକଙ୍କୁ ସ୍ତନ୍ୟପାନର ଗୁରୁତ୍ୱ ବିଷୟରେ ସଚେତନ କରାଯାଇପାରିବ । ଏହି ବିଶେଷ ସପ୍ତାହର ଉଦ୍ଦେଶ୍ୟ ହେଉଛି ପିଲାମାନଙ୍କୁ କୁପୋଷଣରୁ ରକ୍ଷା କରିବା ଏବଂ ସେମାନଙ୍କର ଶାରୀରିକ ଓ ମାନସିକ ବିକାଶକୁ ପ୍ରୋତ୍ସାହିତ କରିବା । ପରନ୍ତୁ ଆଜି ସାରା ବିଶ୍ୱରେ କେବଳ ୪୮ ପ୍ରତିଶତ ଶିଶୁ ଛଅ ମାସ ବୟସ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସ୍ତନ୍ୟପାନ କରିପାରୁଛନ୍ତି । ଗତ ବାର ବର୍ଷ ମଧ୍ୟରେ ଏହି ସଂଖ୍ୟା ୧୦ ପ୍ରତିଶତ ବୃଦ୍ଧି ପାଇଛି, ଯାହା ଲକ୍ଷ ଲକ୍ଷ ପିଲାଙ୍କ ଜୀବନ ରକ୍ଷା କରିଛି । ତଥାପି ୨୦୨୫ ସୁଦ୍ଧା ୫୦ ପ୍ରତିଶତ ପିଲାଙ୍କୁ ସମ୍ପୂର୍ଣ୍ଣ ସ୍ତନ୍ୟପାନ ଯୋଗାଇବାର ଲକ୍ଷ୍ୟ ହାସଲ କରିବା ପାଇଁ ଅଧିକ ପ୍ରୟାସ ଆବଶ୍ୟକ । ୟୁନିସେଫ ତଥ୍ୟ ଅନୁଯାୟୀ ସ୍ତନ୍ୟପାନ ହାରରେ ଉନ୍ନତି ଆଣି ପ୍ରତିବର୍ଷ ପ୍ରାୟ ୮.୨ ଲକ୍ଷ ପିଲାଙ୍କ ଜୀବନ ରକ୍ଷା କରାଯାଇପାରିବ । ଜରୁରୀକାଳୀନ ପରିସ୍ଥିତିରେ ମଧ୍ୟ ସ୍ତନ୍ୟପାନ ହେଉଛି ପିଲାମାନଙ୍କ ପାଇଁ ପୁଷ୍ଟିସାଗର ସବୁଠାରୁ ନିରାପଦ ଓ ସୁଲଭ ଉତ୍ସ । ଏଥର ବିଶ୍ୱପ ସ୍ତନ୍ୟପାନ ସପ୍ତାହର ମୂଳ ଲକ୍ଷ୍ୟ ହେଉଛି ସ୍ତନ୍ୟପାନକୁ ପ୍ରାଥମିକତା ଦେବା । ଏହାର ଉଦ୍ଦେଶ୍ୟ ହେଉଛି ମା' ଏବଂ ପିଲାମାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା । ଏହି ବିଷୟବସ୍ତୁ ମା'ମାନଙ୍କୁ ସ୍ତନ୍ୟପାନ କରାଇବାକୁ ଉତ୍ସାହିତ କରିବା ସହିତ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରେ । ଡବ୍ଲୁଏଚଓ ଏବଂ ୟୁନିସେଫ ଅନୁଯାୟୀ ପିଲାମାନଙ୍କୁ ସୁସ୍ଥ ରଖିବା ପାଇଁ ସ୍ତନ୍ୟପାନ ହେଉଛି ସର୍ବୋତମ ଉପାୟ । ଏଥିରେ ଥିବା ପୁଷ୍ଟିକର ତତ୍ୱ ପିଲାମାନଙ୍କୁ ଡାଇରିଆ ଓ ନିମୋନିଆ ଭଳି ରୋଗକୁ ରକ୍ଷା କରେ । ଏଥି ସହିତ ମା' ମାନଙ୍କ ଠାରେ ସ୍ତନ କର୍କଟ, ଡିମ୍ବାଶୟ କର୍କଟ ଓ ମଧୁମେହର ଆଶଙ୍କା ମଧ୍ୟ ହ୍ରାସ କରେ ।

ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ମହିଳା ଶିଶୁକଲ୍ୟାଣ ବିଭାଗ କେବଳ ଗ୍ରାମା଼ଳ ନୁହେଁ ସହରା଼ଳରେ ମଧ୍ୟ ପ୍ରସୂତୀ ମାନଙ୍କୁ ଗର୍ଭବତୀ ସମୟରୁ ସନ୍ତାନ ଜନ୍ମ ପରବର୍ତୀ ସମୟ ପର୍ଯ୍ୟନ୍ତ ସମସ୍ତ ପ୍ରକାର ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା ସହ ଆବଶ୍ୟକୀୟ ଔଷଧ ଓ ପୋଷଣଯୁକ୍ତ ଖାଦ୍ୟପେୟ ପ୍ରଦାନ କରାଯାଉଛି । ମା'କ୍ଷୀର ହେଉଛି ପିଲାଟି ପାଇଁ ସର୍ବଶ୍ରେଷ୍ଠ ମହୌଷଧୀ ଓ ଅମୃତ ଏଥିରୁ ପିଲାଟିକୁ ବଂଚିତ କରନ୍ତୁ ନାହିଁ । ସୁସ୍ଥ ମାଆ ଓ ନବଜାତ ଶିଶୁଟିର ସମସ୍ତ ସ୍ୱାସ୍ଥ୍ୟ ପରାମର୍ଶ ସରକାରଙ୍କ ନିକଟସ୍ଥ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ହେଉ ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡସ୍ତରୀୟ ଡାକ୍ତରଖାନା ବା ଜିଲ୍ଲାସ୍ତରୀୟ, ସିଟି ହସ୍ପିଟାଲ, ଶିଶୁଭବନ ଓ ରାଜ୍ୟର ବଡ଼ମେଡ଼ିକାଲ ମାନଙ୍କରେ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

*କ୍ୟାମ୍ପ ଆସିଷ୍ଟାଂଟ, ସେ୍ରଂଟାଲ ରେଡ଼କ୍ରସ ବ୍ଲଡ ସେଂଟର, କଟକ,*
*ଦୂରଭାଷ : ୮୨୬୦୪୦୮୮୩୬*

# ଶଙ୍ଖନାଭି ମଣ୍ଡଳରେ ବେନିନେତ୍ର ପଖାଳିବା


ପୁଷ୍ପମିତ୍ର ମହାପାତ୍ର

କୋଟି ବ୍ରହ୍ମାଣ୍ଡ ପ୍ରଭୁ ଶ୍ରୀଜଗନ୍ନାଥ । ସେ ଆଦି, ଅନାଦି, ସାକାର, ନିରାକାର, ସୁଗୁଣ, ନିର୍ଗୁଣ, ସ୍ୱୟଂ ପରଂବ୍ରହ୍ମ, ପରମାତ୍ମା । ବିଜେ କରିଛନ୍ତି ଶ୍ରୀଜଗନ୍ନାଥ ନୀଳାଚଳ ଧାମରେ । ଓଡ଼ିଆ ମାନଙ୍କର ଜାତୀୟ ଜୀବନ, ସାମାଜିକ ଜୀବନ, ଧର୍ମ, ସଂସ୍କୃତି, ସାହିତ୍ୟ – ପ୍ରତିଟିରେ ଜଗନ୍ନାଥ ଚେତନାର ପ୍ରାଣ ପ୍ରକାଶ । ଆଦରେ ସେ ଶବର ପୂଜିତ ଠାକୁର ଭାବେ ତାଙ୍କର ଆବିର୍ଭାବ, କାଳକ୍ରମେ ଜୈନ, ବୌଦ୍ଧ, ତାନ୍ତ୍ରିକ, ଶୈବ, ବୈଷ୍ଣବ, ଶାକ୍ତ, ଗାଣପତ୍ୟ, ସୌର ଆଦି ସକଳ ଆର୍ଯ୍ୟ ଧର୍ମର ଶାଖା ଦ୍ୱାରା ଗୃହୀତ । ଜଗନ୍ନାଥ ଧର୍ମ ବହୁମତ, ସମନ୍ୱିତ ଧର୍ମ । ମହାପ୍ରଭୁଙ୍କ ଆବିର୍ଭାବ, ଦେଉଳ ତୋଳା, ଉପାସନା ବିଧି, ସାର୍ବଜନୀନ ଧର୍ମ ଭାବନା ଏ ସମସ୍ତ ଏବେ ବି ରହସ୍ୟାଚ୍ଛନ୍ନ ।

ଶ୍ରୀଜଗନ୍ନାଥଙ୍କ ସହିତ ବିଭିନ୍ନ ଧର୍ମ ସଂଶ୍ଳିଷ୍ଟ । ଅନୁରୂପ ଭାବରେ ଜଗନ୍ନାଥ ଶବ୍ଦ ସହିତ ବିଭିନ୍ନ ଧର୍ମ ଜଡ଼ିତ । ଯୁଗ ଯୁଗ ଧରି ଶ୍ରୀଜଗନ୍ନାଥ – ଏକ ପରମ ରହସ୍ୟ । ଏହା ଅନସ୍ୱୀକାର୍ଯ୍ୟ । ସାରା ତ୍ରିଭୁବନରେ ପରମାତ୍ମା ଶ୍ରୀଜଗନ୍ନାଥ ପ୍ରତିଟି ଜୀବନର ଆତ୍ମା ଭାବରେ ଶ୍ରୀକ୍ଷେତ୍ର, ପୁରୀ ଠାରେ ଅବସ୍ଥାନ କରୁଛନ୍ତି । ମହୋଦଧି ପଦ ଧୌ କରୁଛି । ଧରିତ୍ରୀ ଜୟ ଗାନ କରୁଛି । ଆକାଶ ଛତ୍ରଛାୟାରେ ଦଣ୍ଡାୟମାନ । ପ୍ରଭୁଙ୍କର ବ୍ରହ୍ମଲୀଳାର ଏହି ଅବସ୍ଥାନ ସାମାଜିକ ସହାବସ୍ଥାନରେ ପାରିବାରିକ ସୁସ୍ଥ ସଦଭାବର ଜୀବନ ଦର୍ଶନ ପ୍ରଦାନ କରୁଅଛି । ସିଏ ଗଣଦେବତା ଓ ସକଳ ଐଶ୍ୱର୍ଯ୍ୟର ଠାକୁର । ଏହି ଐଶ୍ୱର୍ଯ୍ୟର ଉପଚାର ସବୁ ମାନବ ଧର୍ମକୁ ସମର୍ପିତ । ସେଥିରେ ମଣିଷ ଓ ଦେବତା ମଧ୍ୟରେ କୌଣସି ପ୍ରଭେଦ ପରିଲକ୍ଷିତ ହୁଏନାହିଁ । ମାନବିକ ଚଳଣିର ସମତାଳରେ ତାଙ୍କର ପର୍ବପର୍ବାଣି ଓ ଉତ୍ସବ ସବୁ ଲାଗି ରହିଥାଏ ।

ନିଖିଳଜନବନ୍ଧ୍ୟ ଶ୍ରୀଜଗନ୍ନାଥ ହେଉଛନ୍ତି ଅକଳନ ଆଶ୍ଚର୍ଯ୍ୟର ଗନ୍ତାଘର । ତାଙ୍କର ଉତ୍ପତି ଓ ଆକୃତିର ଦୃଶ୍ୟାବଳୀ ପାଖରେ ବିଶ୍ୱର ସମସ୍ତ ଆକଳନ, ସଙ୍କଳନ ଓ ସମୀକରଣ ହୁଏ ସମର୍ପିତ ଆଉ ପରାହତ । ବେଦର ମନ୍ତ୍ରଯୋଗ ଠାରୁ ବେଦାନ୍ତର ଦର୍ଶନ ଯୋଗ ଯାଏଁ, ଗୀତାର ବିଷାଦଯୋଗରୁ ଉପନିଷଦର ଜ୍ଞାନଯୋଗ ଯାଏଁ ସକଳ ମାର୍ମିକ ତତ୍ୱ ଓ ମହତ୍ୱ ସତେଯେମିତି ମିଳେଇ ଯାନ୍ତି ସେ ମହିମା ମଣ୍ଡିତ ମହାପ୍ରଭୁଙ୍କ ପାଖରେ । ସେ ଅପାଣି ଆପଦ ପୁଣି ମହାବାହେ ବହୁବାହୁରୁପାଦମ, ସେ ଶୂନ୍ୟ ଶୂନ୍ୟ ମହାଶୂନ୍ୟ ପୁଣି ଅନ୍ତର୍ବହି ଅବସ୍ଥିତମ୍ । ସ୍କନ୍ଦ ପୁରାଣ ପ୍ରମାଣ କରନ୍ତି – 'ନେକାନେକ ସ୍ଥୂଳସୂକ୍ଷ୍ମାଣୁ ମୂର୍ତେଃ, ବ୍ୟୋମାତୀତଂ ବ୍ୟୋମରୂପଂ ପ୍ରକାଶଂ । ବ୍ୟୋମକାରଂ ବ୍ୟାପୀନୋ ବ୍ୟୋମସସ୍ଥଂ, ବ୍ୟୋମରୂଢ଼ଂ ବ୍ୟୋମକେଶବଜ ଯୋନେ ।'

ଅର୍ଥାତ୍ ଦାରୁବ୍ରହ୍ମ, ନିର୍ଗୁଣ, ନିରାକାର, ନିର୍ବିକଳ୍ପ, ନିର୍ବିଶେଷ, ନିରୀହ ହେଲେ ମଧ୍ୟ ସ୍ଥଳ ବିଶେଷରେ ସଗୁଣ, ସାକାର, ସବିକଳ୍ପ ରୂପେ ପ୍ରଯୁଜ୍ୟ ଅଟନ୍ତି । ଏ ସବୁ ଆଶ୍ଚର୍ଯ୍ୟ ମଧ୍ୟରେ ରହସ୍ୟମୟ ହେଉଛି ଜଗନ୍ନାଥଙ୍କର ଶ୍ୱେତପଦ୍ମ ପରି ବିଲକ୍ଷଣ ଆୟତ ଡ଼ୋଳାର ମଧୁର ଆକର୍ଷଣ । ସତେଯେପରି ମହାପ୍ରଭୁ ଅପଲକ ନେତ୍ରସୁଧା ଢ଼ାଳି ବିଶାଳ ଚକାଡ଼ୋଳାକୁ ବିସ୍ତାର ପୂର୍ବକ ଅପେକ୍ଷା କରିଛନ୍ତି । ମାୟାକ୍ଲିଷ୍ଟ ମାୟିକ ମଣିଷକୁ ନିଜର ଆପଣା ପଣରେ ଆପଣେଇ ନେବା ପାଇଁ । ସେ ଅନ୍ତର୍ଭେଦୀ ବିକଟ ସରୋଜନୟନ ସହିତ ଯେ ନିଜର ଚର୍ମ ନୟନକୁ ମିଶେଇ ଦେଇପାରିଛି ସେ ହିଁ ବୁଝି ପାରିଛି ଜୀବନର ସାରସତାକୁ ଓ ରାଧା ସରସ ରସଧାରାକୁ । ସେଥିପାଇଁ ତ ଭକ୍ତ ଠାରୁ ଆରମ୍ଭ କରି କବି, କଥାକାର, ଗବେଷକ ପର୍ଯ୍ୟନ୍ତ କେତେ ନାମରେ ନାମିତ କରିଛନ୍ତି ଜଗନ୍ନାଥ ମହାପ୍ରଭୁଙ୍କୁ ।

ଆମ ହୃଦୟର ଜଗନ୍ନାଥ । ଆମ ଜୀବନ ଚେତନାର ଜଗନ୍ନାଥ । ନୀଳ ସରଗର ମୁଣ୍ଡ ଉପରେ ନୀଳ ଲହରି ନିକା଼ଳ ବେଳା ଭୂମିରେ ସାଗର କୂଳରେ ବିରାଜିତ ଶ୍ରୀମନ୍ଦିରର ସେହି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ କେହି କେହି ଶବର ଦେବତା ବୋଲି କହିଥାନ୍ତି । ସେ ହେଉଛନ୍ତି କୋଟି ଓଡ଼ିଆଙ୍କ ହୃଦୟେଶ୍ୱର । କୋଟି ଓଡ଼ିଆଙ୍କ ମଉଡମଣି । ତାଙ୍କରି ଜୀବନ ଚେତନା ହେଉଛି ଆମ ଜୀବନ, ପ୍ରାଣ ଓ ସଂସ୍କୃତି । ଶ୍ରୀଜଗନ୍ନାଥ ସଂସ୍କୃତିରେ ସର୍ବ ସଂସ୍କୃତିର ସମନ୍ୱୟ ହୋଇଥିବାରୁ ଓଡ଼ିଶାର ସବୁ ଧର୍ମର ଜନତା ଶ୍ରୀଜଗନ୍ନାଥଙ୍କୁ ଅତ୍ୟନ୍ତ ଭାବପୂର୍ଣ୍ଣ ଦୃଷ୍ଟିରେ ଦେଖିଥାନ୍ତି । ଓଡିଶାର ମାଟି, ପାଣି, ପବନରେ ମିଶି ରହିଛି ଶ୍ରୀଜଗନ୍ନାଥ ଚେତନା । ଶ୍ରୀଜଗନ୍ନାଥ ସଂସ୍କୃତିରେ ଅନ୍ତର୍ନିହିତ ମୂଲ୍ୟବୋଧଭିତିକ ଆଦେଶକୁ ତଥା ରୀତିନୀତିଗୁଡ଼ିକୁ ପ୍ରତ୍ୟେକ ମାନବ ନିଜ କର୍ମରେ ପାଳନ କଲେ ତାହା ସମଗ୍ର ବିଶ୍ୱ ପାଇଁ ଏକ ଉଦାହରଣ ପାଲଟି ଯିବ । ବର୍ତମାନ ସମୟରେ ପଥଭ୍ରଷ୍ଟ ମାନବ ସମାଜକୁ ଏହା ଶିକ୍ଷାର ଆଲୋକବର୍ତିକା ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,*
*ସେକ୍ଟର-୬, ସିଡିଏ, କଟକ,*
*ଦୂରଭାଷ : ୯୪୩୭୨୨୫୬୮୯*

# ବୈରାଗ୍ୟସାଧନେ ମୁକ୍ତି ସେ ଆମାର ନୟ... : ବିଶ୍ୱଗୁରୁ ରବୀନ୍ଦ୍ରନାଥ ଟାଗୋର


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଏହି ସୃଷ୍ଟିର ଅଣୁପରମାଣୁରେ ନିକ୍ୱଣିତ ହୁଏ ଏକ ଶାଶ୍ୱତ ସଙ୍ଗୀତର ମୂର୍ଚ୍ଛନା । ଅବନୀ ଅନ୍ତରୀକ୍ଷରେ ପ୍ରତି ମୁହର୍ତରେ ଅଭିବ୍ୟକ୍ତି ଲାଭ କରେ ଅନିର୍ବଚନୀୟ ସୁଷମାର ନିତ୍ୟ ନୂତନ ବୈଚିତ୍ର୍ୟ । ନୀକାଶର ଭାସମାନ ଶୁଭ ଶୀର୍ଣ୍ଣ ମେଘଖଣ୍ଡ କେବେ କାହାଣୀ କହେ ବା କେବେ ତା'ର ସ୍ୱଗତୋକ୍ତିରେ ତଲ୍ଲୀନତା ଲାଭ କରେ । ଇନ୍ଦ୍ରଧନୁର ରୂପୋତ୍ସବରେ ନିତ୍ୟ ରୂପାତୁରା ଦିଗ୍‌ବଧୂରକାନ୍ତ କମନୀୟ କପୋଳ ବର୍ଣ୍ଣାଭ ହୋଇଉଠେ । ଆଶ୍ୱିନ ଜ୍ୟୋତ୍ସ୍ନାର ସ୍ପର୍ଶରେ ଶ୍ୟାମା, ସ୍ନିଗ୍ଧା, ତନ୍ଦ୍ରାଳସା ଧରିତ୍ରୀର ଚକ୍ଷୁରେ ସଂଖ୍ୟାହୀନ ସ୍ୱପ୍ନର ସୁଷମା ଭରିଉଠେ । ଲାସ୍ୟମୟୀ, ତନ୍ୱୀ, ତରୁଣୀର ଲୀଳାୟିତ ଚପଳ ପଦପାତରେ ପ୍ରୀତିର ପାରିଜାତ ପରିସ୍ଫୁଟ ହୁଏ । ମୁକୁଳିତା ହାସ୍ୟମୟୀ କଳିକା, ସୌରଭର ନୈବେଦ୍ୟ ବାଢ଼ି ସୌନ୍ଦର୍ଯ୍ୟର ବର୍ଣ୍ଣନା ଗାନ କରେ । ନିତ୍ୟ ପରିବର୍ତନଶୀଳା, ମାନମୟୀ ବସୁମତୀର ଦୃଶ୍ୟସକାଳ ସଂସାରୀ – ସନ୍ନ୍ୟାସୀ ନିର୍ବିଶେଷରେ ସମସ୍ତଙ୍କୁ ଅଭିଭୂତ କରେ । ବିଶ୍ୱସୃଷ୍ଟିର ଏହି ନିତ୍ୟ ନୂତନ ରୂପୋତ୍ସବ ଆଶୈଶବ ରବୀନ୍ଦ୍ରନାଥଙ୍କର ସମ୍ବେଦନଶୀଳ ପ୍ରାଣକୁ ଅଭିନବ ବ୍ୟଞ୍ଜନା ବିଭୂତି ସ୍ପର୍ଶରେ ମହୀୟାନ କରିଥିଲା । ସେହି ମହାନ କବିଙ୍କର ସୌନ୍ଦର୍ଯ୍ୟାନୁଭୂତିକୁ ସୂକ୍ଷ୍ମ ଓ ଶାଣିତ କରି ଏହା ତାଙ୍କର ପ୍ରାଣକୁ ଏକ ଅନୁପମ ଅନ୍ତର୍ଦୃଷ୍ଟିରେ ଅଭିବ୍ୟଞ୍ଜିତ କଲା ଏବଂ ସମାଧିସ୍ଥ କରି ଚିତର ଉଚ୍ଛ୍ୱାସ ଓ ସୌନ୍ଦର୍ଯ୍ୟୋପାସନା ସତ୍ୟାନ୍ୱେଷୀ ଉପନିଷଦ୍‌କାରର ସମର୍ପଣାତ୍ମକ ପ୍ରବଣତା ନେଇ କବିତା ମାଧ୍ୟମରେ ଆତ୍ମପ୍ରକାଶ ଲାଭକଲା । ରବୀନ୍ଦ୍ରନାଥଙ୍କ କବିତା ସେଥିପାଇଁ ଏକାଧାରାରେ ସତ୍ୟର ବାହକ, ସୌନ୍ଦର୍ଯ୍ୟର ପରିପ୍ରକାଶକ ବା ମାନବାତ୍ମାର ଆତ୍ମ ପ୍ରକାଶନର ସହାୟକ । ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ପୁଣ୍ୟ ଜନ୍ମଭୂମି ସନ୍ନିକଟରେ ବିଶ୍ୱଗୁରୁଙ୍କ ବାସସ୍ଥାନ ଥିବାରୁ ପିଲାବେଳୁ ଶ୍ରୀ ଶ୍ରୀ ଠାକୁରଙ୍କ ଦିବ୍ୟ ସାନ୍ନିଧ ପ୍ରାପ୍ତ ହେବା ସହ ସେ ପ୍ରତ୍ୟେହ ଶ୍ରୀ ଶ୍ରୀ ଠାକୁରଙ୍କ ଦିବ୍ୟ ଅମୃତବାଣୀ 'ସତ୍ୟାନୁସରଣ' ପାଠ କରୁଥିଲେ । ପରବର୍ତୀ ସମୟରେ ଏହା ତାଙ୍କ ଆଧାତ୍ମିକ ଜୀବନକୁ ଦିବ୍ୟମୟ କରିପାରିଥିଲା ।

୧୮୬୧ ମସିହା ମେ ୭ ତାରିଖରେ ଘୋଡ଼ାଶଙ୍କରେ ପିତା ଦେବେନ୍ଦ୍ରନାଥଙ୍କର ଚର୍ତୁଦ୍ଦଶ ସନ୍ତାନ ଭାବରେ ରବୀନ୍ଦ୍ରନାଥଙ୍କର ଜନ୍ମସ୍ରୋତ ସଂଗଠିତ ହୋଇଥିଲା । ବାଲ୍ୟ ବିଦ୍ୟାଳୟ ଶିକ୍ଷା ପରେ ୧୮୭୮ ମସିହା ସେପ୍ଟେମ୍ବର ୨୦ ତାରିଖରେ ସେ ପ୍ରଥମଥର ପାଇଁ ଇଂଲଣ୍ଡ ଯାତ୍ରା କରିଥିଲେ । ରବୀନ୍ଦ୍ରନାଥଙ୍କୁ ୧୮ବର୍ଷ ହେଲାବେଳକୁ ସେ ସାତହଜାର ଧାଡ଼ିର କବିତା ଲେଖି ସାରିଥିଲେ । ୧୮୮୩ ମସିହାରେ ତାଙ୍କର ବିବାହ ହୋଇଥିଲା ମୃଣାଳିନୀ ଦେବୀଙ୍କ ସହ । ୧୮୮୩ରୁ ୧୮୯୦ ପର୍ଯ୍ୟନ୍ତ ନିଜ ରଚନାରେ ଗଭୀର ଭାବେ ସେ ମନୋନିବେଶ କରିଥିଲେ । ଆରଣ୍ୟ ଶ୍ରୀଚର୍ଚ୍ଚିତ ଗୁରୁକୁଳାଶ୍ରମର ଚିତ୍ର ସେ ତାଙ୍କର 'ନୈବେଦ୍ୟ କବିତା' ମାଧ୍ୟମରେ ପ୍ରକାଶ କରିଥିଲେ । ୧୯୦୧ ମସିହା ଡିସେମ୍ବର ୨୨ ତାରିଖରେ ପିଲାମାନଙ୍କୁ ନୈତିକ ଓ ଆଧାତ୍ମିକ ଶିକ୍ଷା ଦେବା ପାଇଁ ଗୁରୁକୁଳାଶ୍ରମ ପଦ୍ଧତିରେ ବ୍ରହ୍ମଚର୍ଯ୍ୟାଶ୍ରମ ନାମରେ ଏକ ବିଦ୍ୟାଳୟ ସ୍ଥାପନ କରିଥିଲେ । ୧୯୦୫ରେ ବନ୍ଦେ ମାତରମ୍ ଆନ୍ଦୋଳନ ଆରମ୍ଭ ହେବା ସଙ୍ଗେ ସଙ୍ଗେ ସୋନାର ବାଙ୍ଗ୍ଲାର ଆହ୍ୱାନରେ କବି ଶାନ୍ତିନିକେତନ ଧାଇଁ ଆସିଥିଲେ । ଭାରତୀୟ ଆର୍ଯ୍ୟ ଜୀବନର ମହାନ ପରମ୍ପରାର କବି ଥିଲେ ଆଜୀବନ ଉପାସକ । ୧୯୧୨ରେ ତାଙ୍କର ଇଂରାଜୀ ଅନୁଦିତ ଗୀତାଞ୍ଜଳୀ ପ୍ରକାଶ ପାଇଲା । ଏହାର ବାର୍ତା ଥିଲା – 'ଜୀବନର ବହିରାବଣରେ ବିମୁଗ୍ଧ ନ ହୋଇ ଅନ୍ତର୍ଦୃଷ୍ଟି ଦ୍ୱାରା ନିଜର ସତାକୁ ଆବିଷ୍କାରକର ।' ୧୯୧୩ରେ ପ୍ରଥମଥର ପାଇଁ ରବୀନ୍ଦ୍ରନାଥ ଏସିଆର ଲେଖକ ଭାବେ ନୋବେଲ ପୁରସ୍କାର ପାଇଥିଲେ । ଏହାର ସମସ୍ତ ଅର୍ଥରାଶି ସେ ଶାନ୍ତିନିକେତନକୁ ଦାନ କରିଦେଇଥିଲେ । ରବୀନ୍ଦ୍ରନାଥମ ଏକାଧାରାରେ ଥିଲେ କବି, ନାଟ୍ୟକାର, ଔପନ୍ୟାସିକ, କ୍ଷୁଦ୍ରଗଳ୍ପକାର, ସଂଗୀତଜ୍ଞ, ଚିତ୍ରକର, ସଂସ୍କାରକ, ଦାର୍ଶନିକ, ଦେଶପ୍ରେମୀ, ମାନବହିତୈଷୀ ଓ ଉପନିଷଦର ସତ୍ୟ ସକଳର ପ୍ରବକ୍ତା । ମାତ୍ର ତାଙ୍କର ଜୀବନରେ ଯେଉଁ ମହାନତା ପ୍ରକାଶିତ ହୋଇଥିଲା ତାହା ତାଙ୍କର ସକଳ କୃତୀ ଠାରୁ ମହତର ଥିଲା । ଗୀତାଞ୍ଜଳି ମନୁଷ୍ୟ ନିକଟରେ ଗୋଟିଏ ସତ୍ୟ ପ୍ରତିପାଦନ କରେ ଯେ ଏକ ସଂଞ୍ଜିବିତ ତଥା ପ୍ରୀତ୍ୟୁଫୁଲ୍ଲ ମାନବାତ୍ମାର ପରିପ୍ରକାଶ ଓ ଆତ୍ମନିବେଦନ କେବଳ କବିତା ମାଧ୍ୟମରେ ହିଁ ସମ୍ଭବ । ଉତୁଙ୍ଗ ଭାବୋଚ୍ଛ୍ୱାସର ଭାଷାୟନ, ବିକ୍ଷେପ ଓ ବିକରଣ ନିମିତ କବିତାର ଶବ୍ଦ ସଂଯୋଜନା ହିଁ ଯଥାର୍ଥ ବାହକ । ତାଙ୍କର ଲୋକପ୍ରିୟ ଓ ଶ୍ରେଷ୍ଠକୃତୀ 'ଗୋରା' ଉପନ୍ୟାସ ଟଲଷ୍ଟୟଙ୍କ 'ଯୁଦ୍ଧ ଓ ଶାନ୍ତି' ଉପନ୍ୟାସ ସହିତ ତୁଳନୀୟ ଯାହାକି ୧୯୧୦ରେ ପ୍ରକାଶିତ ହୋଇଥିଲା । ଜୀବନର ଜାହ୍ନବୀରେ କବି ଉପନିଷଦୀୟ ଚିନ୍ତା ଚେତନା ଚର୍ଚ୍ଚିତ ଯେଉଁ କବିତା ତର୍ପଣ କରିଛନ୍ତି ତାହା କାଳ କାଳ ଧରି ବହୁ ପାଠକ ଆତ୍ମାର ପରିତୃପ୍ତି ବିଧାନ କରିବ । ୧୯୪୧ ମସିହା ଅଗଷ୍ଟ ୭ ତାରିଖରେ ତାଙ୍କ ଆତ୍ମା ମୃଣ୍ମୟ ଶରୀର ପରିତ୍ୟାଗ କଲା । ତାଙ୍କ ଶ୍ରେଷ୍ଠକୃତି 'ଗୀତାଞ୍ଜଳି'ର ସେହି ବିଲକ୍ଷଣ ଧାଡ଼ି ମଧ୍ୟରେ ଧାଡିଟି ମନେପଡ଼ିଯାଉଛି – 'ବୈରାଗ୍ୟସାଧନେ ମୁକ୍ତି ସେ ଆମାର ନୟ, ଅସଂଖ୍ୟ ବନ୍ଧନ ମାଝେ ମହାନନ୍ଦମୟ । ଲଭିବ ମୁକ୍ତିର ସ୍ୱାଦ । ଏହି ବସୁଧାର ମୃତିକାର ପାତ୍ରଖାନି କରି ବାରମ୍ବାର ତୋମାର ଅମୃତ ଟାଲି ଦିବେ ଅବିରତ ନାନା ବର୍ଣ୍ଣ ଗନ୍ଧମୟ । ପ୍ରଦୀପେର ମତୋ ଜ୍ୱାଲାଏ ତୁଲିବେ ଆଲୋ ତୋମାରି ଶିଖାୟ ତୋମାର ମନ୍ଦିର ମାଝେ ଇନ୍ଦ୍ରିୟେର ଦ୍ୱାର ରୁଦ୍ଧକରି ଯୋଗାସନ ସେ ନୟ ଆମାର ।'

*ସହ-ପ୍ରତିରଦ୍ଧିକ ଓ ପ୍ରଫେସର,*
*ହେପାଟୋଲୋଜି ବିଭାଗ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ବିସ୍ଫୋରକ ପରିସ୍ଥିତିରେ ଦେଶର ଶରଣାର୍ଥୀ ସମସ୍ୟା


ନିମାଇଁ ଚରଣ ଦାସ

ଶରଣାର୍ଥୀ ପ୍ରସଙ୍ଗରେ ଭାରତ ସର୍ବଦା ଉଦାର ମନୋଭାବ ପୋଷଣ କରିଆସୁଛି । କିନ୍ତୁ ଏହି ଉଦାର ମାନସିକତା ଲାଗି ଭାରତରେ ଶରଣାର୍ଥୀ ସମସ୍ୟା ଭୟଙ୍କର (ବିସ୍ଫୋରକ) ପରିସ୍ଥିତି ସୃଷ୍ଟି କରିବାକୁ ବସିଲାଣି । ବର୍ତମାନ ଏହା ଏକ ଚିନ୍ତାର ବିଷୟ ପାଲଟି ଗଲାଣି । କିଛିଦିନ ତଳେ ମାନ୍ୟବର ସୁପ୍ରିମକୋର୍ଟ ଶରଣାର୍ଥୀ ପ୍ରସଙ୍ଗରେ କଡ଼ା ଆଭିମୁଖ୍ୟ ଦେଖାଇ କହିଛନ୍ତି ଯେ 'ଭାରତ ଏକ ଧର୍ମଶାଳା ନୁହେଁ । ଯିଏ ଆସିବ ସିଏ ଆସି ଏଠାରେ ରହିଯିବ । ସାରା ଦୁନିଆରୁ ଆସୁଥିବା ଲୋକଙ୍କୁ ଆମେ ଶରଣ ଦେବାକୁ ଠିକା ନେଇନାହୁଁ । ଭାରତ ଏମିତି ଲୋକଙ୍କ ଶରଣ ଦେଉଛି କାହିଁକି ? ଶ୍ରୀଲଙ୍କାରୁ ଆସିଥିବା ତାମିଲ୍ ଶରଣାର୍ଥୀଙ୍କ ଆବେଦନକୁ ବିଚାର କରି ସୁପ୍ରିମକୋର୍ଟ ଏକଥା ସ୍ପଷ୍ଟ କରିଛନ୍ତି । ସୁପ୍ରିମକୋର୍ଟ ଆହୁରି ଗୁରୁତ୍ୱାରୋପ କରି କହିଛନ୍ତି ଯେ ବର୍ତମାନ ଭାରତର ଲୋକସଂଖ୍ୟା ୧୪୦ କୋଟିରୁ ଟପିଲାଣି । ଦେଶ ଉପରେ ଏତେ ଲୋକଙ୍କ ବୋଝ ରହିଛି, ଏଣୁ ଅନେକ ସମସ୍ୟା ବି ରହିଛି । ତେଣୁ ସବୁ ସ୍ଥାନରୁ ଆସୁଥିବା ଶରଣାର୍ଥୀଙ୍କୁ ଶରଣ ଦେବା ସମ୍ଭବ ନୁହେଁ । ସୁପ୍ରିମକୋର୍ଟର ବିଚାରପତି ଦିପାଙ୍କର ଦତା ଏବଂ ବିଚାରପତି ବିନୋଦ ଚନ୍ଦନଙ୍କ ପୀଠ ଶ୍ରୀଲଙ୍କା ଶରଣାର୍ଥୀଙ୍କୁ ଜେଲକୁ ପଠାଯିବା ପ୍ରସଙ୍ଗରେ ହସ୍ତକ୍ଷେପ କରିବା ପାଇଁ ମନା କରିଦେଇଥିଲେ । ଶରଣାର୍ଥୀଙ୍କୁ ଶରଣ ପ୍ରଦାନ ସମ୍ପର୍କରେ ମାମଲା ଦାଏର୍ କରିଥିବା ଆବେଦନକାରୀ ଓ ଅନ୍ୟ ଦୁଇଜଣଙ୍କୁ ୨୦୨୫ରେ ଶ୍ରୀଲଙ୍କା ଦ୍ୱାରା ପ୍ରତିବନ୍ଧିତ ସଂଗଠନ ଲିଟେ ସହ ଜଡ଼ିତ ଥିବା ଅଭିଯୋଗରେ ଗିରଫ କରାଯାଇଥିଲା । ଗିରଫ ହୋଇଥିବା ଶରଣାର୍ଥୀଙ୍କୁ ଭାରତରେ ସେମାନଙ୍କୁ ଶରଣ ଦେବା ପାଇଁ ସୁପ୍ରିମକୋର୍ଟରେ ଏକ ମାମଲା ଦାଏର କରାଯାଇଥିଲା । ଆବେଦନକାରୀ ଓକିଲ କୋର୍ଟରେ ଦର୍ଶାଇଥିଲେ ଯେ, ଆବେଦନକାରୀ ଓ ଅନ୍ୟ ଦୁଇଜଣ ହେଉଛନ୍ତି ଶ୍ରୀଲଙ୍କାର ନାଗରିକ । ସେମାନେ ଭିସାରେ ଭାରତ ଆସିଥିଲେ । ଶ୍ରୀଲଙ୍କାରେ ସେମାନଙ୍କ ଜୀବନ ପ୍ରତି ବିପଦ ରହିଛି । ସେମାନଙ୍କ ବିରୋଧରେ ନିର୍ବାସନ ପାଇଁ କୌଣସି ପଦକ୍ଷେପ ନିଆଯାଇ ନାହିଁ ଓ ପାଖାପାଖି ୩ ବର୍ଷ ଧରି ସେମାନଙ୍କୁ ନଜରବନ୍ଦି ଅବସ୍ଥାରେ ରଖାଯାଇଛି । ସଂପୃକ୍ତ ଓକିଲଙ୍କ ଏହି ଯୁକ୍ତି ଶୁଣିବା ପରେ ବିଚାରପତି ଦତା ପ୍ରଶ୍ନ କରିଥିଲେ ଯେ ଭାରତରେ ରହିବା ପାଇଁ ଏମାନଙ୍କର କ'ଣ ଅଧିକାର ରହିଛି । ଆବେଦନକାରୀ ଓକିଲ ଯୁକ୍ତି ଦର୍ଶାଇଥିଲେ ଯେ ଏମାନେ ଶରଣାର୍ଥୀ ଅଟନ୍ତି । ଏକଥା ଶୁଣି ବିଚାରପତି ଦତା କହିଥିଲେ ଭାରତରେ ଦୁନିଆର ଯେ କୌଣସି ଦେଶରୁ ଶରଣାର୍ଥୀ ଆସି ବସବାସ କରିପାରିବେ ନାହିଁ । ଏହା ପୂର୍ବରୁ ଅନ୍ୟ ଏକ ପ୍ରସଙ୍ଗରେ ପ୍ରଧାନବିଚାରପତି ଡି ୱାଇ ଚନ୍ଦ୍ରଚୂଡ଼୍ ଏଭଳି ଏକ ମାମଲାର ଶୁଣାଣିବେଳେ କହିଥିଲେ ଯେ, ଶରଣାର୍ଥୀମାନେ ରାଷ୍ଟ୍ରୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିପାରନ୍ତି ବା କରୁଛନ୍ତି ମଧ୍ୟ । ଭାରତର ସୀମିତ ସଂସାଧନକୁ ଦୃଷ୍ଟିରେ ରଖି ଶରଣାର୍ଥୀ ପ୍ରସଙ୍ଗ ଉପରେ ଅଧିକ ତର୍ଜମା କରାଯିବା ଆବଶ୍ୟକ । ଏହା ପୂର୍ବରୁ ଭାରତ ଅନେକ ଦେଶର ଶରଣାର୍ଥୀଙ୍କୁ ଶରଣ ଦେଇଛି କିନ୍ତୁ ଏହା ଏବେ ସମ୍ଭବ ନୁହେଁ । ବର୍ତମାନ ଭାରତକୁ ଶ୍ରୀଲଙ୍କା, ତିବ୍‌ବତ୍, ମ୍ୟାମାର, ଆଫଗାନିସ୍ଥାନ, ପାଲେଷ୍ଟାଇନ୍ ଓ ସୋମାଲିଆରୁ ଶରଣାର୍ଥୀ ଆସୁଛନ୍ତି । ଶରଣାର୍ଥୀ ସଙ୍କଟକୁ ମାନବୀୟ ମାନସିକତା, ରାଷ୍ଟ୍ରୀୟ ସୁରକ୍ଷା ଏବଂ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ଲକ୍ଷ୍ୟକରି ଏହାର ସମାଧାନ କରାଯାଇପାରେ । ଉଲ୍ଲେଖଯୋଗ୍ୟ ଯେ ଯେତେବେଳେ କୌଣସି ଦେଶର ନାଗରିକଙ୍କୁ ତାଙ୍କ ଦେଶରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ ସେତେବେଳେ ବାଧ ହୋଇ ତାଙ୍କୁ ଅନ୍ୟ ଦେଶରେ ଶରଣ ନେବାକୁ ପଡ଼ିଥାଏ । ଶରଣାର୍ଥୀ ସେଇମାନଙ୍କୁ କୁହାଯାଇପାରେ ଯେଉଁମାନେ ଜାତି, ଧର୍ମ, ରାଷ୍ଟ୍ରୀୟତା, କୌଣସି ବିଶେଷ ସାମାଜିକ ବା ରାଜନୈତିକ ଗୋଷ୍ଠୀର ସଂଘର୍ଷ ଏବଂ ସାର୍ବଜନିକ ବ୍ୟବସ୍ଥାକୁ ଗୁରୁତ୍ୱ ଭାବେ ବାଧିତ କଲାଭଳି ଘଟଣା କାରଣରୁ ନିର୍ଯାତିତ ହୋଇ ଅନ୍ତର୍ଜାତୀୟ ସୀମା ପାରକରି ଅନ୍ୟ ଦେଶକୁ ପଳାଇ ଆସିଥାନ୍ତି ।

ଏହି ଶରଣାର୍ଥୀ ସମସ୍ୟା ବିଗତ ଏକ ଶତାବ୍ଦୀ ହେବ ବିଶ୍ୱ ପାଇଁ ଏକ ବଡ଼ ସମସ୍ୟା ସୃଷ୍ଟି କରିଛି । ବିଭିନ୍ନ ପ୍ରାକୃତିକ ଏବଂ ମାନବୀୟ ଆପଦା ଯଥା – ଭୂମିକମ୍ପ, ସୁନାମି, ମରୁଡ଼ି, ଦାରିଦ୍ର୍ୟତା, ଗୃହଯୁଦ୍ଧ, ଆତଙ୍କବାଦ ଭଳି ପରିସ୍ଥିତିରେ ବିସ୍ଥାପନ ବଢ଼ୁଛି । ଦାରିଦ୍ର୍ୟ, ଗୃହଯୁଦ୍ଧ ଏବଂ ଆଭ୍ୟନ୍ତରୀଣ ସଂଘର୍ଷ କାରଣରୁ ଲେବାନନ, ସିରିଆ ଏବଂ ଲିବ୍ୟାରୁ ବହୁ ସଂଖ୍ୟାରେ ଲୋକମାନେ ୟୁରୋପୀୟ ଦେଶମାନଙ୍କୁ ପଳାୟନ କରୁଛନ୍ତି । ଆଫଗାନିସ୍ଥାନରେ ଶାସନ ପରିବର୍ତନ କାରଣରୁ ବିସ୍ଥାପିତଙ୍କ ସଂଖ୍ୟା ବଢ଼ୁଛି । ଭାରତ ସବୁବେଳେ ପଡ଼ୋଶୀ ଦେଶ, ପାକିସ୍ଥାନ, ନେପାଳ, ତିବ୍‌ତ୍, ମ୍ୟାମାର ଓ ବାଂଲାଦେଶରୁ ଭାରତକୁ ଆସୁଥିବା ରୋହିଙ୍ଗିଆ ଶରଣାର୍ଥୀଙ୍କ ପାଇଁ ସମସ୍ୟାରେ ପଡୁଛି । ବର୍ତମାନ ରୋହିଙ୍ଗିଆ ମୁସଲମାନ ଓ ବାଂଲାଦେଶୀ ଶରଣାର୍ଥୀମାନେ ଭାରତରେ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି କରୁଛନ୍ତି । ଯଥା ଚୋରୀ, ଲୁଟ୍‌ପାଟ୍, ହତ୍ୟା, ରାହାଜାନି, ରେପ୍, ମର୍ଡର, ଆତଙ୍କବାଦ ଭଳି ଘଟଣା ଘଟାଉଛନ୍ତି । ଭାରତରେ ଆଶ୍ରୟ ନେଇ ଆମ ଦେଶର ହିନ୍ଦୁମାନଙ୍କୁ ହତ୍ୟା କରୁଛନ୍ତି । ବିଶେଷ କରି ବାଂଲାଦେଶୀ ରୋହିଙ୍ଗିଆ ମୁସଲମାନ ଦେଶର ବିଭିନ୍ନ ସ୍ଥାନରେ ବସତି ସ୍ଥାପନ କରି ଭାରତର ଆଧାର କାର୍ଡ଼, ଭୋଟର କାର୍ଡ଼ ହାତେଇ ଭାରତର ନାଗରିକଙ୍କ ଭଳି ସବୁ ସୁବିଧା ଉପଭୋଗ କରୁଛନ୍ତି । ଏହା ସହିତ ରୋହିଙ୍ଗିଆ ମୁସଲମାନମାନେ ଭାରତର ଝିଅ ଓ ବୋହୂ ମାନଙ୍କ ପ୍ରତି ଅତ୍ୟାଚାର କରୁଛନ୍ତି । ଯାହା ଫଳରେ ହିନ୍ଦୁମାନେ ନିଜର ଘରଦ୍ୱାରା ଛାଡ଼ି ଅନ୍ୟ ରାଜ୍ୟକୁ ପଳାୟନ କରିବାକୁ ବାଧ ହେଉଛନ୍ତି । ଆମ ଦେଶରେ ରହି ଆମ ତଡ଼ିବାକୁ ବସିଲେଣି । ଜାତିସଂଘ ୨୦୨୩-୨୪ ରିପୋର୍ଟ ଅନୁଯାୟୀ ୧୧.୭ କୋଟି ଲୋକ ବିସ୍ଥାପିତ ହୋଇଥିଲେ । ବିଶ୍ୱର ପ୍ରତି ୬୯ ଜଣରେ ଜଣେ ବ୍ୟକ୍ତିଙ୍କୁ ବିସ୍ଥାପିତ ହେବାକୁ ପଡୁଛି । ଭାରତକୁ ପାକିସ୍ଥାନ ଓ ବାଂଲାଦେଶରୁ ଅଧିକାର ମୁସଲିମ୍ ଶରଣାର୍ଥୀ ଆସୁଛନ୍ତି । କାରଣ ଭାରତ ହେଉଛି ବିଶ୍ୱର ଆନ୍ତର୍ଜାତୀୟ ପ୍ରବାସୀଙ୍କ ପାଇଁ ଏକ ବଡ଼ ଠିକଣା । ୨୦୧୫ ସୁଦ୍ଧା ୫୩ଲକ୍ଷ ବିଦେଶୀ ଭାରତରେ ରହୁଥିଲେ । ଏମାନଙ୍କ ମଧ୍ୟରୁ ୩୨ଲକ୍ଷ ବାଂଲାଦେଶର ଓ ୧୧ଲକ୍ଷ ପାକିସ୍ଥାନର । ବର୍ତମାନ ଏହି ସଂଖ୍ୟା ବହୁ ସଂଖ୍ୟାରେ ବଢ଼ିଯାଇଛି । ପାକିସ୍ଥାନର ପ୍ରାୟ ୫୦ଲକ୍ଷ ଓ ବାଂଲାଦେଶର ପ୍ରାୟ୧କୋଟି ଲୋକ ଭାରତରେ ରହୁଥିବା ଆକଳନ କରାଯାଉଛି । ଏଣୁ ଭାରତ ସରକାରଙ୍କୁ ଧ୍ୟାନ ରଖିବାକୁ ପଡ଼ିବ ଯେମିତି ଦେଶର ନାଗରିକଙ୍କ ଅଧିକାର ପ୍ରଭାବିତ ନହୁଏ । କେନ୍ଦ୍ର ସରକାର ଶରଣାର୍ଥୀଙ୍କ ପ୍ରତି ଉଦାର ମନୋଭାବ ପରିବର୍ତେ ତାର୍କିକ ଏବଂ କଠୋର ମନୋଭାବ ଆପଣେଇବା ଆବ୍ୟକ । ଅନ୍ୟଥା ଦେଶରେ ଶରଣାର୍ଥୀଙ୍କ ସମସ୍ୟା ଭୟଙ୍କର ରୂପ ନେଇପାରେ ।

*ବରିଷ୍ଠ ସାମ୍ବାଦିକ*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ଖେଳ ପର୍ଯ୍ୟବେକ୍ଷକ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
Bhubaneswar Wednesday August 06 | ଭୁବନେଶ୍ୱର ବୁଧବାର, ୦୬, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com


# ମନରେଗା ଯୋଜନାରେ କେନାଲ କାମ ଚାଷୀ ମୁହଁରେ ଫୁଟିଲା ହସ



ଗୋଲାମୁଣ୍ଡା(ପି ଏନ):-ସାଧାରଣତଃ କ୍ଷୁଦ୍ର ଜଳ ସେଚନ ବିଭାଗ ପକ୍ଷରୁ ଚାଷ ଜମିକୁ ପାଣି ଯୋଗାଣ ପାଇଁ କେନାଲ ଖନନ ହେଉଥିବା ବେଳେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ପକ୍ଷରୁ ଯେଉଁ ଜାଗାକୁ କ୍ଷୁଦ୍ର ଜଳ ସେଚନ ବିଭାଗ କେନାଲ ପହଞ୍ଚାଇ ପାରି ନାହିଁ ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦଙ୍କ ଦୂର ଦୃଷ୍ଟି ଫଳରେ ବ୍ଲକରେ ପ୍ରଥମ ଥର ପାଇଁ ମନରେଗା ଯୋଜନାରେ କଂକ୍ରିଟ କେନାଲ କାମ ହୋଇ ପାରିଛି । ବର୍ତ୍ତମାନ ଚାଷୀ ଏହି କେନାଲ ଯୋଗେ ନିଜ ଜମିକୁ ପାଣି ମଡ଼ାଇ ପାରୁଛି ଯାହାରି ଫଳରେ ଚାଷୀ ମୁହଁରେ ହସ ଫୁଟିଛି । କେଗାଁ ଅଞ୍ଚଳ କୁ ବ୍ଲକ ଅଧକ୍ଷ ଆସିଥିବା ବେଳେ ଚାଷୀ ମାନେ ଅଧକ୍ଷଙ୍କ ଗାଡି କୁ ଅଟକାଇ ଚାଷ ଜମିର ପାଣି ସମସ୍ୟା ସମାଧାନ କରିବାକୁ ଦାବି କରିଥିଲେ । ପାଖରେ କ୍ଷୁଦ୍ର ଜଳସେଚନର ମୁଖ୍ୟ କେନାଲ ଥିଲେ ମଧ ଚାଷୀ ମୁଖ୍ୟ କେନାଲରୁ ନିଜ ଚାଷ ଜମିକୁ ପାଣି ମଡାଇବାକୁ ଅସମର୍ଥ ହେଉଥିବା କହିଥିଲେ । ଚାଷୀ ନିଜେ ନାଳ କରି ନିଜ ଜମିକୁ ପାଣି ମଡାଉଥିଲେ ସୁଦ୍ଧା ତାହା ସମୁଦ୍ରକୁ ଶଙ୍ଖ ? ପାଣି ହେଉଥିବା ଅଭିଯୋଗ କରିଥିଲେ । ବ୍ଲକ ଅଧକ୍ଷ ଏହି ବିଷୟରେ ରେ ବିଡ଼ିଓ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲାପାଳ, ମାନ୍ୟବର ପଞ୍ଚାୟତ ରାଜ ମନ୍ତ୍ରୀ ଙ୍କ ସହିତ ଆଲୋଚ଼ନା କରିବି ଓ ନିଶ୍ଚୟ କେନାଲ ର ବ୍ୟବସ୍ଥା କରାଯିବ ବୋଲି ଅଟକାଇ ଥିବା ଚାଷୀ ମାନଙ୍କୁ ଅଧକ୍ଷ ପ୍ରତିଶୃତି ଦେବାରୁ ଚାଷୀ ମାନେ ଅଧକ୍ଷଙ୍କ ଗାଡିକୁ ଛାଡି ଦେଇଥିଲେ । ତତ୍କାଳୀନ ବିଡ଼ିଓ ଜିଲ୍ଲା ପ୍ରଶାସନ ସହିତ ଆଲୋଚ଼ନା କରି ମନରେଗା ଯୋଜନା ମାଧମରେ କେନାଲ ର ବ୍ୟବସ୍ଥା କରିଥିଲେ । ଚ଼ଳିତ ବର୍ଷ ଆର୍ଥିକ ବର୍ଷରେ ଗ୍ରୀଷ୍ମ କାଳରେ ଏହି କେନାଲ କାମ ସଂପୂର୍ଣ୍ଣ ହୋଇଥିବା ବେଳେ ବର୍ତ୍ତମାନ ଚାଷୀ କ୍ଷୁଦ୍ର ଜଳସେଚ଼ନ ବିଭାଗର ମୁଖ୍ୟ କେନାଲରୁ ନିଜ ଚାଷ ଜମିକୁ ଜଳସେଚ଼ିତ କରିପାରୁଛି । ନିଜ ଚାଷ ଜମିରେ ଜଳସେଚ଼ନ ହୋଇପାରିଥିବାରୁ ଚାଷୀ ମୁହଁରେ ହସ ଫୁଟିଛି । ଏଥିପାଇଁ କେଗାଁର ଚାଷୀ ଧର୍ଯ୍ୟ ନାଏକ, ପୁନି ଚ଼ଣ୍ଡି,ଦଶରଥ ମାଝୀ, କଳାକୃଷ୍ଣ ଧଙ୍ଗଡାମାଝୀ,ଦୁଖୁ ପୁଝାରୀ, ଦୁଲ ଚ଼ଣ୍ଡି,ନିଳମଣି ପୁଟେଲ,ପଙ୍କଜ ପୁଟେଲ,ମଧୁସୁଦନ ଧଙ୍ଗଡାମାଝୀ, ଦିନବନ୍ଧୁ ଧଙ୍ଗଡାମାଝୀ,ଟୁନା ଧଙ୍ଗଡାମାଝୀ, ରାମ ଧଙ୍ଗଡାମାଝୀ, ପିତାମ୍ବର ନାଏକ, ମୁଦିଆ ପୁଟେଲ ,ଦୁର୍ବଳ ପୁଟେଲ,ଲୋକେଶ୍ୱର ପୁଟେଲଙ୍କ ସମେତ ଶତାଧିକ ଚାଷୀ ବ୍ଲକ ଅଧକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି । ସୂଚ଼ନାଯୋଗ୍ୟ ଯେ ଏହି କେନାଲ ଦ୍ୱାରା କେଗାଁ ଗ୍ରାମ ପଂଚ଼ାୟତର ଚାଷୀମାନେ ଉପକୃତ ହେବା ସହିତ ସିନାପାଲି ଗ୍ରାମ ପଂଚ଼ାୟତର ଚାଷୀ ମଧ ନିଜ ଜମିରେ ଜଳସେଚ଼ିତ କରି ଉପକୃତ ହୋଇ ପାରିଛନ୍ତି ।

# ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଗର୍ଜିଲେ ଚାଷୀ

ଭୁବନେଶ୍ୱର,(ପି.ଏନ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶହ ଶହ ଚାଷୀ। ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପଶି ଅଧିକାରୀଙ୍କ ଉପରେ ଗର୍ଜିଲେ ଚାଷୀ। ବର୍ଷାରେ ଭିଜି ଗଜା ହୋଇଥିବା ଧାନ ଧରି ଜିଲ୍ଲାପାଳ କାର୍ଯ୍ୟାଳୟକୁ ଆସିଛନ୍ତି ବରପାଲି ବ୍ଲକ ତୁଲଣ୍ଡିର ଚାଷୀ। ଟିଫିନରେ ପଖାଳ ଧରି ଅଫିସ ଭିତରେ ପଖାଳ ଖାଇବା ସହ ଗଜା ଧାନ ଧରି ଅଭିନବ ପ୍ରତିବାଦ କରିଛନ୍ତି। ବରଗଡ଼ ଜିଲ୍ଲାରୁ ଧାନ ଉଠୁ ନଥିବା ସମସ୍ୟା ନେଇ ଚାଷୀମାନେ ଜିଲ୍ଲାପାଳଙ୍କୁ ଜଣାଇଛଥିଲେ।କୌଣସି ସମାଧାନ ଜିଲ୍ଲା ପ୍ରଶାସନ କରୁନଥିବା ଅଭିଯୋଗ କରିଛନ୍ତି ଚାଷୀ । ଗତକାଲି ମଧ ଚାଷୀ ଧାରଣା ଦେଇ ଧାନ ଶୀଘ୍ର ଉଠାଇବାକୁ ଦାବି କରିଥିଲେ। କିନ୍ତୁ ପ୍ରତିଶ୍ରୁତି ଦେଇ ଚାଷୀଙ୍କୁ ଅଧିକାରୀମାନେ ଧାରଣାରୁ ଉଠେଇ ଦେଇଥିଲେ। ପ୍ରତିଶ୍ରୁତି ପରେ ମଧ ଚାଷୀଙ୍କ ଧାନ ମଣ୍ଡିରେ ପଡି ରହିଥିବା ବେଳେ ବର୍ତ୍ତମାନ ବର୍ଷା ଯୋଗୁଁ ଧାନ ଗଜା ହୋଇ ବସିଲାଣି। ଯାହାକୁ ନେଇ ଚାଷୀ ଏବେ ଚିନ୍ତାରେ। ବର୍ଷାରେ ମଧ ଚାଷୀ ନିଜ କଷ୍ଟ ଉପାର୍ଜିତ ଧାନ ବିକ୍ରି କରି ନ ପାରି ଅଫିସ ଅଫିସ ଶୈଡୁଥିବା ବେଳେ ପ୍ରଶାସନ କେବଳ ଚାଷୀଙ୍କୁ ଭୁଆଁ ବୁଲାଉଥିବା ଅଭିଯୋଗ କରିଛନ୍ତି। ଯାହାକୁ ନେଇ ଚାଷୀ ବର୍ଷାରେ ଭିଜିଭିଜି ଜିଲ୍ଲାପାଳ କାର୍ଯ୍ୟାଳୟ ଭିତରେ ଧାରଣାରେ ବସିଛନ୍ତି। ଧାନ ନଉଠିବା ପର୍ଯ୍ୟନ୍ତ ଧାରଣାରୁ ଉଠିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ଚାଷୀ।

# ଶ୍ରୀ ସୁଦର୍ଶନ ଦାରୁ ପୀଠରେ ମା ପାଇଁ ଗଛ ଟିଏ କାର୍ଯକ୍ରମ ଅନୁଷ୍ଠିତ

ବାଲିଅନ୍ତା: (ପି.ଏନ): ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଉମାଦେଇ ବ୍ରହ୍ମପୁର ଗ୍ରାମପଞ୍ଚାୟତର ହୀରାପୁର ଗଡକଣ୍ଟୁ ନୁଣିଆ ନିକଟରେ ଥିବ ସୁଦର୍ଶନ ଦାରୁ ନିକଟରେ ପରିବେଶ ଭିତ୍ତିକ ସାମାଜିକ ଅନୁଷ୍ଠାନ ଉତ୍କଳ ଜୟଦେବ ଫାଉଣ୍ଡେସନ, ନ୍ୟୁ ଭାର୍ଗବୀ ଫାଉଣ୍ଡେସନ ମିଳିତ ସହଯୋଗରେ ମା ପାଇଁ ଗଛ ଟିଏ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ୧୦ ଗୋଟି ନଡିଆ ଚାରା ରୋପଣ କରାଯାଇଥିଲା । ପ୍ରଥମେ ଅତିଥିମାନେ ବାଳକାଟି ବଜାର ଅଟୋ ଷ୍ଟାଣ୍ଡ ନିକଟରେ ଥିବା ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାସଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ । ପରେ ପରେ ଶତାଧିକ ବିଜେପି କର୍ମୀ ବାଳକାଟି ବଜାରରେ ବାଜା ଓ ଘଣ୍ଟ ଧୋନିରେ ପରିବେଶ ସୁରକ୍ଷା ସଚେତନତା ବାର୍ତ୍ତା ସ୍ଲୋଗାନ ପକାଇ ପୂର୍ବତନ ବାଚ଼ସ୍ପତି ସତ୍ୟପ୍ରିୟ ମହାନ୍ତିଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ । ସେଠାରୁ ବାହାରି ସୁଦର୍ଶନ ଦାରୁ ନିକଟରେ ଉତ୍କଳ ଜୟଦେବ ଅଧକ୍ଷ ପ୍ରଦୀପ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ, ମୁଖ୍ୟ ବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ଡ ଅରବିନ୍ଦ ଢ଼ାଲି, ସମ୍ମାନୀତ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଭାରତୀୟ ଜନତା ଯୁବ ମୋର୍ଚ୍ଚା ର ଭୁବନେଶ୍ୱର ଜିଲ୍ଲାର ସଭାପତି ସ୍ୱୟଂ ସେବକ ରାୟ,ଯୁବସମାଜସେବୀ ସୁବ୍ରତ ମହାନ୍ତି, ନିଉ ଭାର୍ଗବୀ ଫାଉଣ୍ଡେସନ ର ଅଧକ୍ଷ ଜଗମୋହନ ସେଠୀ,ଉମାଦେଇ ବ୍ରହ୍ମପୁର ପଂଚ଼ାୟତର ସମିତି ସଭ୍ୟ ରଞ୍ଜନ କୁମାର ମହାପାତ୍ର, ଝିଲି ସାମନ୍ତରାୟ, ଜଗନ୍ନାଥ ବେହେରା, ପ୍ରଶାନ୍ତ ଆଦିତ୍ୟ ପାତ୍ର, ସଞ୍ଜୟ ତ୍ରିପାଠୀ,ପ୍ରିୟବ୍ରତ ପାତ୍ର , ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ, କେକୁ ଚ଼ରଣ ସାହୁ , ସହଦେବ ସ୍ୱାଇଁ ଓ ଲକ୍ଷ୍ମଣ ଜେନା ପ୍ରମୁଖ ଉପସ୍ଥିତ ରହି ବୃକ୍ଷ ରୋପଣ କରିଥିଲେ

# ସୁପରକଏନ ସହିତ ସପିଂକୁ ନୂଆ ରୂପ ଦେଉଛି ଫ୍ଲିପକାର୍ଟ 'ପ୍ଲସ୍' କାର୍ଯ୍ୟକ୍ରମ

ବାଲେଶ୍ୱର/ ଛତ୍ରପୁର,(ପି.ଏନ) : ଭାରତର ଘରୋଇ ଇ-କମର୍ସ ବଜାର, ଫ୍ଲିପକାର୍ଟ ଏହାର ଅପଗ୍ରେଡେଡ୍ ଲୟାଲ୍ଟି ପ୍ରୋଗ୍ରାମ୍ 'ଫ୍ଲିପକାର୍ଟ ପ୍ଲସ୍' ଉନ୍ମୋଚନ କରିଛି । ଏହା ଉନ୍ନତ ସଂଚୟ ଏବଂ ସପିଂ ସୁବିଧା ପ୍ରଦାନ କରୁଛି ଯାହା ଗ୍ରାହକମାନଙ୍କୁ ସ୍ମାର୍ଟ ଭାବରେ ସପିଂ କରିବାକୁ ସକ୍ଷମ କରିଥାଏ। କାର୍ଯ୍ୟକ୍ରମର ମୂଳରେ ରହିଛି ସୁପରକଏନ୍, ଯାହା ହେଉଛି ପୁରସ୍କାର ମୁଦ୍ରା ଯାହା ପ୍ରଥମ ଥର ପାଇଁ ସମସ୍ତ ଫ୍ଲିପକାର୍ଟ ଉତ୍ପାଦରେ ଅତିରିକ୍ତ ୫% ରିହାତି ପ୍ରଦାନ କରୁଛି। ଏହି କାର୍ଯ୍ୟକ୍ରମ ଅତିରିକ୍ତ ବ୍ୟାଙ୍କ ଅଫର, ସମସ୍ତ ପ୍ରମୁଖ ସପିଂ ଇଭେଂଟ ପାଇଁ ସ୍ୱତନ୍ତ୍ର ଉପଲବ୍ଧତା ଏବଂ ଅର୍ଡର ପରବର୍ତ୍ତୀ ସରପ୍ରାଇଜ 'ଟ୍ରିଟ୍ସ' (ଯେପରିକି ଗିଫ୍ଟ କାର୍ଡ ଏବଂ କୁପନ୍) ଭଳି ସୁବିଧା ପ୍ରଦାନ କରି ଗ୍ରାହକଙ୍କୁ ସିଧାସଳଖ ପୁରସ୍କୃତ କରୁଛି। ଫ୍ଲିପକାର୍ଟ ପ୍ଲସ ଏହାର ବିଶ୍ୱସ୍ତ ଗ୍ରାହକମାନଙ୍କୁ ସଦସ୍ୟତା ଶୁଳ୍କ ଚାର୍ଜ ନକରି ବିଭିନ୍ନ ସୁବିଧା ପ୍ରଦାନ କରୁଛି। ପ୍ରତ୍ୟେକ ଅର୍ଡରରେ ଅର୍ଜିତ ସୁପରକଏନ (୧ ସୁପରକଏନ =୧ଟଙ୍କାର ସଂଚୟ) ଏବଂ ସମଗ୍ର ଚୟନରେ ସେଗୁଡ଼ିକୁ ରିଡିମ୍ କରିବାର କ୍ଷମତା ସହିତ, ଫ୍ଲିପକାର୍ଟ ପ୍ଲସ ସଂଚୟକୁ ସରଳ ଏବଂ ସୁଗମ କରୁଛି। ପ୍ଲସ ସଦସ୍ୟମାନେ ବିଶେଷ ବ୍ୟାଙ୍କ ଅଫର ସହିତ ସମସ୍ତ ବଡ଼ ଫ୍ଲିପକାର୍ଟ ସପିଂ ଇଭେଂଟଗୁଡ଼ିକର ଶୀଘ୍ର ପହଂଚ ପାଇବେ। ସେମାନେ ସପିଂ ମାଇଲଖୁଂଟ ହାସଲ କରିବା ସହିତ ଆଶ୍ଚର୍ଯ୍ୟଜନକ ଟ୍ରିଟ୍ (ଗିଫ୍ଟ କାର୍ଡ, କୁପନ୍ ଏବଂ ୫୦ଟଙ୍କା + ମୂଲ୍ୟର ଅଧିକ) ମଧ ଅନଲକ୍ କରିପାରିବେ। ଗ୍ରାହକମାନେ ୧୨ ମାସରେ ମାତ୍ର ୧୦ ଟି କାରବାର ସମାପ୍ତ କରି ଜଣେ ପ୍ଲସ ସିଲଭର ସଦସ୍ୟ ହୋଇପାରିବେ। ସେମାନେ ୨୦ ଟି କାରବାର ସମାପ୍ତ କରି ପ୍ଲସ ଗୋଲ୍ଡ ଅନଲକ୍ କରିପାରିବେ ଏବଂ ପ୍ରତ୍ୟେକ ଅର୍ଡରରେ ଅତିରିକ୍ତ ସୁପରକଏନ ଜିତିବା ସହିତ ପ୍ରାରମ୍ଭିକ ଆକସେସ ୱିଣ୍ଡୋ ସମୟରେ ଉଚ୍ଚତର ବ୍ୟାଙ୍କ ଅଫର ପାଇପାରିବେ। ଫ୍ଲିପକାର୍ଟ ପ୍ଲସ୍ କାର୍ଯ୍ୟକ୍ରମ ବିଷୟରେ ମତବ୍ୟକ୍ତ କରି ଫ୍ଲିପକାର୍ଟର ଲୟାଲିଟିର ଉପାଧକ୍ଷ ରାହତ ପଟେଲ କହିଛନ୍ତି, 'ଫ୍ଲିପକାର୍ଟ ପ୍ଲସ୍ ପ୍ରତ୍ୟେକ ଦିନ ଗ୍ରାହକଙ୍କୁ ଅତୁଳନୀୟ ମୂଲ୍ୟ ପ୍ରଦାନ କରିବାର ଲକ୍ଷ୍ୟ ରଖିଛି। ଆମର ସବୁଠାରୁ ନିୟୋଜିତ ଗ୍ରାହକ, ପ୍ଲସ୍ କାର୍ଯ୍ୟକ୍ରମର ଅଂଶ ଭାବେ ପ୍ରତ୍ୟେକ ଅର୍ଡରରେ ସୁପରକଏନ୍ ଅର୍ଜନ କରନ୍ତି। ଏହା ପରେ ଆମର ସମସ୍ତ ଉତ୍ପାଦରେ - ଦୈନନ୍ଦିନ ଅତ୍ୟାବଶ୍ୟକୀୟ ସାମଗ୍ରୀ ଏବଂ ଫ୍ୟାଶନ୍ ଠାରୁ ଆରମ୍ଭ କରି ଇଲେକ୍ଟ୍ରୋନିକ୍ସ ଏବଂ ତା'ଠାରୁ ଅଧିକ - ରିଡିମ୍ କରାଯାଇପାରିବ। ଫ୍ଲିପକାର୍ଟର ପ୍ରମୁଖ ସପିଂ ଇଭେଂଟ ସମୟରେ ପ୍ଲସ୍ ସଦସ୍ୟମାନେ 'ଅର୍ଲି ଆକ୍ସେସ୍' ୱିଣ୍ଡୋ ସମୟରେ ଅତିରିକ୍ତ ବ୍ୟାଙ୍କ ଅଫର୍ ଅନଲକ୍ କରନ୍ତି, ଯାହା ପ୍ରତ୍ୟେକ ସପିଂ ଉତ୍ସବକୁ ଅଧିକ ପୁରସ୍କାରପ୍ରଦ କରେ। କିଛି କ୍ରେତାଙ୍କ ପାଇଁ, ଆମେ 'ପ୍ଲସ ଟ୍ରିଟ୍ସ' ମାଧ୍ୟମରେ ଏକ ଛୋଟ ଆଶ୍ଚର୍ଯ୍ୟଜନକ ମୂଲ୍ୟ-ଅନଲକ୍ ମଧ ରଖିଛୁ।'

# ବାଞ୍ଛାବଟ ହାଇସ୍କୁଲ, ବଡବାଲିକୁଦା ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

ଭୁବନେଶ୍ୱର,(ପି.ଏନ): ବାଞ୍ଛାବଟ ହାଇସ୍କୁଲ, ବଡବାଲିକୁଦା ର ୧୯୮୩ ମାଟ୍ରିକ ବ୍ୟାଚ୍ ର ଛାତ୍ର ଛାତ୍ରୀଙ୍କ ତରଫରୁ ଏକ ବନ୍ଧୁମିଳନ ଉତ୍ସବ ସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ଦୀର୍ଘ ଦିନ ପରେ ବନ୍ଧୁ ମାନଙ୍କ ଭେଟ ଘାଟ ଖୁସି ର ମାହୋଲ ସୃଷ୍ଟି କରିଥିଲା । ଉକ୍ତ ଅବସରରେ ଏକ ସଭା ର ଆୟୋଜନ କରାଯାଇଥିଲା । ଅରୁଣ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପ୍ରାରମ୍ଭରେ ଗୁରୁ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା କ୍ଷ ଦିବଂଗତ ଶିକ୍ଷକ ଓ ଛାତ୍ର ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଉକ୍ତ ଉତ୍ସବରେ ଉପସ୍ଥିତ ପୂର୍ବତନ ଶିକ୍ଷକ ଡଃ ଭାଗ୍ୟଧର ସାହୁ ପୂର୍ବତନ ଛାତ୍ର, ଛକ୍ଷତ୍ରୀଙ୍କର ଏହିଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଭବିଷ୍ୟତରେ ଏହି କାର୍ଯ୍ୟକୁ ଆହୁରି ବ୍ୟାପକ କରିବାକୁ ଆହ୍ୱାନ ଦେଇଥିଲେ । ପୂର୍ବତନ ପ୍ରଧାନ ଶିକ୍ଷକ, ଶ୍ରୀଯୁକ୍ତ ଅର୍ଜୁନ ଚ଼ରଣ ଜେନା ସ୍କୁଲ ଗଠନ ରେ ପୂର୍ବତନ ଶିକ୍ଷକ ଓ ଛାତ୍ର ଛାତ୍ରୀ ମାନଙ୍କର ସଂଘର୍ଷମୟ କାହାଣୀ ଉପସ୍ଥାପନା କରିଥିଲେ । ସ୍କୁଲର ଗୌରମୟ ଇତିହାସ ବର୍ଣ୍ଣନା କରିଥିଲେ ପୂର୍ବତନ ଶିକ୍ଷକ, ତ୍ରିଲୋଚ଼ନ ଜେନା ଓ ବାବନ ଚ଼ନ୍ଦ୍ର ଦାସ । ପୂର୍ବତନ ଛାତ୍ର ରାହାସ ବିହାରୀ ଜେନା, ସଂଗ୍ରାମ କେଶରୀ ଜେନା, ତ୍ରୈଲୋକ୍ୟ ନାଥ ବିଶ୍ୱାଳ, ହଳଧର ଦାସ, ସୁବାସ ଚ଼ନ୍ଦ୍ର ରାୟ, ସୁଧୀର କୁମାର ବଳ, କୁଶଦେବ ସାହୁ, ବାବୁଲି ମଲ୍ଲିକ, ବାବନ ଚ଼ନ୍ଦ୍ର ଜେନା, ସୁଦର୍ଶନ ଜେନା, ନିରୁପମା ମହାରଣା, ରମେଶ ଚ଼ନ୍ଦ୍ର ବାରିକ, ବସନ୍ତ କୁମାର ସ୍ୱାଇଁ, ସରୋଜ ରାଉତ, ନଟବର ବେହେରା, ବୀଣାପାଣି ଜେନା, ପ୍ରବୀର କୁମାର ସାମଲ, ଗଙ୍ଗାଧର ପଣ୍ଡା ଆଦି ଅନେକ ଦଳମତ ର ଉର୍ଦ୍ଧ୍ୱ ରେ ରହି ଆଗାମୀ ଦିନରେ ସ୍କୁଲର ଉନ୍ନତି ପାଇଁ ପ୍ରୟାସ କରିବାକୁ ଆହ୍ୱାନ ଦେଇଥିଲେ । ପରିଶେଷ ରେ ଏ ଉତ୍ସବର ସଫଳତା ପାଇଁ ଚ଼ିନ୍ମୟ ସାରଙ୍କୁ ଧନ୍ୟବାଦ ଦିଆଯାଇଥିଲା

# ବେଆଇନ ଦେଶୀମଦ ବିକ୍ରିକୁ ବନ୍ଦ ଓ ଡାକ୍ତରବାଞ୍ଜିରି ଗ୍ରାମ ବିକ୍ରିକୁ ରଦ୍ଦ ପାଇଁ ନିବେଦନ କରି ଗଜପତି ପ୍ରଶାସନର ଦ୍ୱାରସ୍ଥ ହେଲେ ଗ୍ରାମବାସୀ



ପାରଳାଖେମୁଣ୍ଡି,(ପି.ଏନ) : ବେଆଇନ ଦେଶୀ ମଦ ବିକ୍ରିକୁ ବନ୍ଦ ଏବଂ ପୁରୁଷ ପୁରୁଷ ଧରି ରହି ଆସୁଥିବା ଡାକ୍ତରବାଞ୍ଜିରି ଗ୍ରାମ ବିକ୍ରିକୁ ରଦ୍ଦ ଘୋଷଣା ପାଇଁ ମହିଳାମାନଙ୍କ ସହ ଗ୍ରାମବାସୀମାନେ ଗଜପତି ଜିଲ୍ଲାପାଳଙ୍କ ଦ୍ୱାରସ୍ତ ହୋଇଥିବା ସୂଚ଼ନା ମିଳିଛି. ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ମିଳିତ ଜନଅଭିଯୋଗ ଶୁଣାଣିରେ ଡାକ୍ତରବାଞ୍ଜିରି ଗ୍ରାମବାସୀମାନେ ଏହି ଅଭିଯୋଗ ଜଣାଇଛନ୍ତି। ସମଗ୍ର ରାଜ୍ୟରେ ଗତ କିଛି ମାସ ହେବ ଚ଼ର୍ଚ୍ଚାରେ ଥିବା ଡାକ୍ତରବାଞ୍ଜିରି ଗ୍ରାମ ବିକ୍ରି ଘଟଣା ଓ ଅବାଧ ବେଆଇନ ଦେଶୀମଦ ଘଟଣାକୁ ନେଇ ଅଭିଯୋଗ ଜଣାଇଛନ୍ତି ଗ୍ରାମବାସୀ । ଗ୍ରାମ ବିକ୍ରୟ ସମୟରେ ଦୀର୍ଘ ବର୍ଷ ଓ ପୁରୁଷାନୁକ୍ରମେ ରହି ଆସୁଥିବା ଲୋକଙ୍କ ସ୍ୱାର୍ଥ ନଦେଖିବା ଏବଂ ଏହି ବିକ୍ରୟ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ବେଆଇନ ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ। ସ୍ଥାନୀୟ ବାସିନ୍ଦାଙ୍କ ସ୍ୱାର୍ଥ ଓ ଏହି ବିକ୍ରୟ ପ୍ରକ୍ରିୟାକୁ ପୁନଶ୍ଚ ବିଚ଼ାର କରି ଏହାକୁ ରଦ୍ଦ ପାଇଁ ଗ୍ରାମବାସୀ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଛନ୍ତି । ସେହିପରି ଗ୍ରାମରେ କିଛି ଦୁର୍ବୃତ୍ତ ବେଆଇନ ଦେଶୀମଦ ରାନ୍ଧିବା ସହ ଚୋରାରେ ବିକ୍ରୟ କରୁଥିବା ଅଭିଯୋଗ ହୋଇଛି। ଏଥିରେ ଗ୍ରାମରେ ଶାନ୍ତି ଶୃଙ୍ଖଳା ଭଙ୍ଗ ହେବା ସହ ମଦ୍ୟପଙ୍କ ଶୈରାତ୍ମ୍ୟ ବୃଦ୍ଧି ପାଇଛି। ତେଣୁ ତୁରନ୍ତ ଏହି ଦେଶୀ ମଦ ରନ୍ଧା ଓ ବେଆଇନ ବିକ୍ରିକୁ ବନ୍ଦ କରାଯାଉ ବୋଲି ଗ୍ରାମବାସୀ ମାନେ ପ୍ରଶାସନକୁ ନିବେଦନ କରିଛନ୍ତି।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray